## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ହାଟଡିହି,(ଡ଼ି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ତାମ୍ପଲା ଗ୍ରାମର ନିର୍ମଳ କରଙ୍କ ସ୍ତ୍ରୀ ତପସ୍ୱିନୀ (୩୨) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର କୌଣସି କାରଣକୁ ନେଇ ତପସ୍ୱିନୀ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମେଡିକାଲ ନିଆଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଚଳନ୍ତା ଟ୍ରକ୍‌ରେ ନିଆଁ



ବସ୍ତା, ୧୪।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ୬୦ନମ୍ବର ଜାତୀୟ ରାଜପଥର ଗୁଡ଼ିଖାଲ ଛକ ନିକଟରେ ପଶ୍ଚିମବଙ୍ଗରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଆଳୁ ବୋଝେଇ ଟ୍ରକରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର, ହେଲପର ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି। ବସ୍ତା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇଥିବା ବେଳେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

### ପୋଖରୀରେ ବୁଡ଼ି ଯୁବକ ମୃତ

ରାଇରଙ୍ଗପୁର,୧୪।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ବେଲପୋଷି ଗ୍ରାମରେ ଥିବା ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାଉନା ଟୁଡ୍ୁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୨) ରୁଜୁ ହୋଇଛି।

### ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ପଦ୍ମପୁର, ୧୪।୯(ଡି.ଏନ୍.ଏ.)- ଭଦ୍ରକ ସଦର ବ୍ଲକ ଅନ୍ତର୍ଗତ ବଣିଆ ଗ୍ରାମରେ ବଧୂହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ସ୍ୱାମୀ ହେଲେ ଅନନ୍ତ ଜେନା। ସୂଚନା ମୁତାବକ, ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଜମୁକୁନ୍ଦପୁର ଗ୍ରାମର ଦିଲୀପ ନାୟକଙ୍କ ଝିଅ ସୁଜାତା ୨୦୨୦ ମସିହାରେ ସାବରଙ୍ଗ ଥାନା ବଣିଆ ଗ୍ରାମର ମହେଶ୍ୱର ଜେନାଙ୍କ ପୁଅ ଅନନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଅଧିକ ଯୌତୁକ ଦାବିକରି ଶାଶୁଘର ଲୋକେ ସୁଜାତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ବେଳେ ମଙ୍ଗଳବାର ତାଙ୍କୁ ମାରି ଦେଇଥିବା ସାବରଙ୍ଗ ଥାନାରେ ତାଙ୍କ ବାପା ଦିଲୀପ ଅଭିଯୋଗ କରିଛନ୍ତି। ଏନେଇ ମାମଲା (ନଂ ୧୪୯/୨୨) ରୁଜୁ କରି ପୋଲିସ ଅନନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୧ କେ.ଜି. ସୁନା ଲୁଟି ନେଲେ ଦୁର୍ବୃତ୍ତ

ବାସୁଦେବପୁର,୧୪।୯(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବେତଡ଼ା ବଜାରରେ ଥିବା କାଶିଶ୍ୱର ଜୁଏଲେରିରୁ ବୁଧବାର ୧ କେ.ଜି. ସୁନା ଗହଣା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଜୁଏଲେରି ମାଲିକ ତୁଳମତୁଳା ଗ୍ରାମର ତାରାକାନ୍ତ ସାହୁ ଏକ କେ.ଜି. ସୁନା ଗହଣା ଭର୍ତ୍ତି ବ୍ୟାଗକୁ ବୁଧବାର ଘରୁ ଦୋକାନକୁ ଆଣିଥିଲେ। ବ୍ୟାଗଟିକୁ ସେ ଦୋକାନରେ ରଖିବା ପରେ କୌଣସି ଜିନିଷ ଆଣିବା ପାଇଁ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗରେ ୨ଜଣ ଯୁବକ ଉକ୍ତ ବ୍ୟାଗକୁ ନେଇ ପଳାଇ ଯାଇଥିଲେ। ଦୋକାନରେ ବ୍ୟାଗ୍ ନ ଥିବା ଦେଖି ତାରାକାନ୍ତ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୌରଭ ଓତା ଏବଂ ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡା ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଭଞ୍ଜପୁର ଥାନା କାର୍ଯ୍ୟକାରୀ ହେବାରେ ବିଳମ୍ବ

### ନୂତନ ଗୃହ ନିର୍ମାଣ ପୂର୍ବରୁ ଅସ୍ଥାୟୀ ଭାବେ ଖୋଲିବାକୁ ଦାବି

ବାରିପଦା ଅଫିସ,୧୪।୯

ମୟୂରଭଞ୍ଜ ଜିଲାରେ ଚୋରି, ଡକାୟତି, ଲୁଟ, ବଳାତ୍କାର, ସାଇବର ଠକେଇ ଭଳି ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲା ସଦର ମହକୁମାରେ ଥିବା ବାରିପଦା ଟାଉନରେ ନିଶା କାରବାର ବଢ଼ିଥିବା ବେଳେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ ଦେଇ ଅପରାଧିମାନେ ଖସି ପଳାଇବାକୁ ସକ୍ଷମ ହେଉଛନ୍ତି। ଏପରି ସ୍ଥଳେ ବାରିପଦା ଟାଉନ ଥାନାରେ ବର୍ଷକୁ ଏକ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହେଉଥିଲେ ମଧ୍ୟ ଅଧିକାରୀ ପଦବୀ ଫାଙ୍କା ପଡ଼ିଥିବାରୁ ଲୋକେ ଉଚିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବାରିପଦା ଭଞ୍ଜପୁରଠାରେ ଏକ ନୂତନ ଥାନା ଖୋଲିବା ନେଇ ସହରବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ଲାଭ କରିଛି। ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ଭାବେ ଥାନା କାର୍ଯ୍ୟକାରୀ କରାଗଲେ ଅପରାଧ ନିୟନ୍ତ୍ରଣ ହେବା ସହିତ ଲୋକେ ସୁରକ୍ଷିତ ରହିପାରିବେ ବୋଲି ଦାବି ହେଉଛି ।

କ୍ରମବର୍ଦ୍ଧିଷ୍ଣୁ ବାରିପଦା ସହରବାସୀଙ୍କୁ ସେବା ଓ ସୁରକ୍ଷା ଯୋଗାଇବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବାରିପଦା ସହରର ଭଞ୍ଜପୁରଠାରେ ଏକ ନୂତନ ଥାନା ପ୍ରତିଷ୍ଠା ହେବ ବୋଲି ଘୋଷଣା କରାଯାଇଛି। ଏ ନେଇ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିବା ବେଳେ ଜମି ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ଭଞ୍ଜପୁର ମଣ୍ଡଳ କାରାଗାର ପରିସରରେ ହେବାକୁ ଥିବା ନୂତନ କୋର୍ଟ ଗୃହ ଓ ନୂତନ ଥାନା ପ୍ରତିଷ୍ଠା ହେବା ନେଇ ଯୋଜନା କରାଯାଉଛି । ଥାନା ଅଧୀନରେ ରହୁଥିବା ସହରବାସୀଙ୍କ ପାଇଁ ଭଞ୍ଜପୁରଠାରେ ନିର୍ମାଣ କରାଗଲେ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯିବା ସହିତ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି କୁହାଯାଉଛି। ନୂତନ ଥାନା କାର୍ଯ୍ୟକାରୀ ହେଲେ ବାରିପଦା ବେଲଗଡ଼ିଆ ଫାୟାର ଷ୍ଟେଶନଠାରୁ ଷ୍ଟିଲଗୋଲାଇ-ଡିଆଇବି-ସତ୍ୟସାଇଛକ-ବାଘଡ଼ାରୋଡ-ଦାରଗାଡାହି ଓ ରଘୁନାଥପୁରର ବାମପାର୍ଶ୍ୱ ଅଞ୍ଚଳଗୁଡିକ ଭଞ୍ଜପୁର ଥାନା ଅଧୀନରେ ରହିବ । ସେହିପରି ଲକ୍ଷ୍ମୀପୋଷି ଆଉଟ ପୋଷ୍ଟଠାରୁ ଆରମ୍ଭ ହୋଇ ମୁର୍ଗାବାଡ଼ି, ଦାମଦୋରପୁର ଛକ, ଟାଙ୍କିସାହି, ବୁଢ଼ୀଖମାରୀ, ଭୁଗୁଡାକଟା, କୁମ୍ଭାରସାହି, ହରିଜନସାହି, ଯମୁନାଦେଇପୁରସାହି, ରେଲୱେ ଷ୍ଟେଶନ ସାହି, ଭଞ୍ଜପୁର, ବଳରାମପୁର, ଠାକୁରାଣୀସାହି, ୱାଲିଗଞ୍ଜ, ଫରେଷ୍ଟ କଲୋନୀ, ବିଜୟରାମଚନ୍ଦ୍ରପୁର, ଏଲଆଇସି କଲୋନୀ, ରଙ୍ଗଫାକ୍ଟ୍ରି ସାହି, ଇନ୍ଦିରା କଲୋନୀ, କଚେରିସାହି ଆଦି ଏହି ଥାନା ଅଧୀନରେ ରହିବ। ୱାର୍ଡ ନଂ. ୧, ୨, ୩, ୧୯, ୨୭,୨୨, ୨୧, ୧୭, ୧୮, ୨୬ର ଅର୍ଦ୍ଧାଧିକ ଅଂଶର ୩୮ରୁ ୪୦ହଜାର ଲୋକେ ଭଞ୍ଜପୁର ଥାନା ଅଧୀନରେ ରହିବା ସହ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଦିଗରେ ରୋକ ଲାଗିପାରିବ।

ମିଳିଥିବା ସୂଚନା ଅନୁଯାୟୀ, ଟାଉନ ଥାନାରେ ବିଗତ ୨୦୧୯ରେ ୪୧୯, ୨୦୨୦ରେ ୯୮୯ ଓ ୨୦୨୧ରେ ୧୧୦୦ମାମଲା ରୁଜୁ ହୋଇଥିବା ବେଳେ ଚଳିତ ବର୍ଷ ୮ମାସ ମଧ୍ୟରେ ୭୮୦ ମାମଲା ପଞ୍ଜୀକୃତ ହୋଇଛି। ଗୃହ ବିଭାଗର ନିୟମ ଅନୁଯାୟୀ ୪୦୦ମାମଲା ବୃଦ୍ଧି ପାଉଥିବା ଥାନାଗୁଡ଼ିକରେ ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜିତ କରିବାକୁ ଥିଲେ ହେଁ ଟାଉନ ଥାନାରେ ଅଦ୍ୟାବଧି ୫ ପଦବୀ ଖାଲି ପଡ଼ିଛି। ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ଏକ ସ୍ୱତନ୍ତ୍ର ଟିମରେ ଅଧିକାରୀ ନିୟୋଜିତ କରାଯାଇ ନାହିଁ। ଫଳରେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଥାନାର ସମସ୍ତ କାର୍ଯ୍ୟ ଚାଲୁଥିବାରୁ ମାମଲା ଗୁଡ଼ିକର ଠିକ ତଦନ୍ତ ହେଉ ନ ଥିବା ଜଣେ ଅଭିଯୋଗକାରୀ କହିଛନ୍ତି। ଖୁବଶୀଘ୍ର ନୂତନ ଗୃହ ନିର୍ମାଣ ହେବା ପୂର୍ବରୁ ଅସ୍ଥାୟୀ ଗୃହରେ ଥାନା କାର୍ଯ୍ୟ ଆରମ୍ଭ କରିବାକୁ ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି, ରାକେଶ ବେହେରା, ପ୍ରୀତମ ପଣ୍ଡା, ରାକେଶ ସିଂଙ୍କ ସମେତ ସହରବାସୀ ଦାବି କରିଛନ୍ତି ।

## ସାନଭାଇ ଓ ଭାଇବୋହୂଙ୍କୁ ଆକ୍ରମଣ, ବଡ଼ଭାଇ ଗିରଫ

ଚାନ୍ଦବାଲି,୧୪।୯(ଡି.ଏନ୍.ଏ.)

ପାରିବାରିକ କଳହରୁ ସାନଭାଇ ଓ ଭାଇବୋହୂଙ୍କୁ କଟୁରୀରେ ଆକ୍ରମଣ କରିବା ଅଭିଯୋଗରେ ପୀରହାଟ ପୋଲିସ ବଡ଼ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭଦ୍ରକ ଜିଲା ପୀରହାଟ ଥାନା ଅନ୍ତର୍ଗତ ଅମୃତପୁର ଗ୍ରାମର ବଡ଼ଭାଇ ପ୍ରକାଶ ମହାନ୍ତି ଓ ତାଙ୍କ ସାନଭାଇ କୈଳାସ ମହାନ୍ତିଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ ବିବାଦ ଲାଗି ରହିଥିଲା । ଗତ ରବିବାର ଦୁଇ ଭାଇଙ୍କ ମଧ୍ୟରେ ଏହି ବିବାଦ ଉଗ୍ର ରୂପ ନେଇଥିଲା। ବଡ଼ଭାଇ ପ୍ରକାଶ ଉତ୍ତ୍ୟକ୍ତ ହୋଇ ସାନଭାଇ କୈଳାସଙ୍କୁ କଟୁରୀରେ ଆକ୍ରମଣ କରିଥିଲା। କୈଳାସଙ୍କ ସ୍ତ୍ରୀ କୁନ୍ତଳା ବାଧା ଦେବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କୁନ୍ତଳାଙ୍କ ଅଭିଯୋଗକ୍ରମେ ପୋଲିସ ନଂ ୧୫୧/୨୨ରେ ମାମଲା ରୁଜୁ କରି ବୁଧବାର ବଡ଼ଭାଇ ପ୍ରକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୫ ଛାତ୍ରଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ସୁଯୋଗ



ପ୍ରଶିକ୍ଷଣ ପାଇଁ ମନୋନୀତ ୫ ଛାତ୍ର।

ଭଦ୍ରକ ଅଫିସ, ୧୪।୯

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ୫ ଛାତ୍ରଙ୍କୁ ପ୍ରଶିକ୍ଷଣ ତଥା ରୋଜଗାରକ୍ଷମ ହେବା ଲାଗି ସୁଯୋଗ ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଏବଂ ଜିଲା ନିଯୋଜନ ଅଧିକାରୀ ଅଜୟ କୁମାର ଦାସଙ୍କ ମିଳିତ ଉଦ୍ୟମରେ ଭୁବନେଶ୍ୱର ସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏକବର୍ଷୀୟ ଆବାସିକ ହେୟାର ଫେଶନ ଓ ଡିଜାଇନ ବିଭାଗରେ ସେମାନଙ୍କୁ ସାମିଲ୍ କରାଯାଇଛି। ଏହି ପିଲାଙ୍କ ମଧ୍ୟରେ ୪ଜଣ ଅନୁସୂଚିତ ଜନଜାତି ଏବଂ ଜଣେ ସାଧାରଣ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ଅଟନ୍ତି। ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗତ ଜିଲା ଦକ୍ଷତା କମିଟି ବୈଠକରେ ଆର୍ଥିକ ତଥା ସାମାଜିକ କ୍ଷେତ୍ରରେ ପଛୁଆବର୍ଗର ଯୋଗ୍ୟ ପିଲାମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ତଥା ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରିବାକୁ ପ୍ରାଧାନ୍ୟ ଦେଇଥିଲେ। ଏହି ପ୍ରଶିକ୍ଷଣ ନିମନ୍ତେ ଧାର୍ଯ୍ୟ ବାର୍ଷିକ ଦେୟ ୧୦ ହଜାର ଟଙ୍କା ଥିବା ବେଳେ ଜିଲା ନିଯୋଜନ ଅଧିକାରୀଙ୍କ ହସ୍ତକ୍ଷେପରେ ରାଜ୍ୟ ଦକ୍ଷତା ନିର୍ଦ୍ଦେଶକ ଏ. ରଘୁ ଜି ସମସ୍ତ ପିଲାଙ୍କର ପ୍ରଶିକ୍ଷଣ, ରହିବା, ଖାଇବା ଖର୍ଚ୍ଚ ଛାଡ଼ କରାଇଛନ୍ତି। ଭଦ୍ରକ ପାଇଁ ଏହା ପ୍ରଥମ ଘଟଣା ହୋଇଥିବା ବେଳେ ଏହାଦ୍ୱାରା ଆଗାମୀ ଦିନରେ ଜିଲାର ବେକାରୀ ଯୁବତୀ ଯୁବକମାନେ ଅଧିକରୁ ଅଧିକ ରୋଜଗାରକ୍ଷମ ହୋଇପାରିବେ।

## ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

କେନ୍ଦୁଝର, ୧୪।୯ (ସ୍ୱ.ପ୍ର.)

ସ୍ଥାନୀୟ ଥାନା ଛକ ସ୍ଥିତ ଶିକ୍ଷକ ଭବନଠାରେ ବୁଧବାର ଓଡିଶା ମାଧ୍ୟମିକ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଅଷ୍ଟମ ବାର୍ଷିକ ଅଧିବେଶନ ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓଷ୍ଟାର ପ୍ରାକ୍ତନ ସଭାପତି କହ୍ନେଇ ଚରଣ ମହାନ୍ତୀ ଓ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ସଂଘର ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଓଷ୍ଟାର ସମ୍ପାଦକ କାହ୍ନୁଚରଣ ସାମଲ, ଜିଲା ସଭାପତି ରଘୁନାଥ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ପୂର୍ବତନ ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ର, ପୂର୍ବତନ ଜିଲା ସମ୍ପାଦକ କ୍ଷୀରୋଦ କୁମାର ରାଉତ, ସଂଘର କାର୍ଯ୍ୟକାରୀ ସଭାପତି ଚିନ୍ତାମଣୀ ଜେନା ବିଭିନ୍ନ ସମସ୍ୟା ଓ ତା'ର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। କେନ୍ଦୁଝର ଗସ୍ତରେ ଥିବା ଅତିରିକ୍ତ ଶିକ୍ଷା ସଚିବଙ୍କୁ ସୌଜନ୍ୟମୂଳକ ସାକ୍ଷାତ ପୂର୍ବକ ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ୫ଟି ସଚିବଙ୍କୁ ସାକ୍ଷାତ ପୂର୍ବକ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ମଦନମୋହନ ଦିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁହାପଥରର ମାନ ଯାଞ୍ଚ

ଯୋଡ଼ା,୧୪।୯ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଜଜାଙ୍ଗ ଖଣିରେ ବୁଧବାର ଖଣି ବିଭାଗ ପକ୍ଷରୁ ଲୁହାପଥରର ମାନ ଯାଞ୍ଚ କରାଯାଇଛି । ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଖଣି ବିଭାଗରେ ବ୍ୟାପକ ଦୁର୍ନୀତି କାରବାର ସମ୍ପର୍କରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଅଭିଯୋଗ ଆଣିବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଏହି ମର୍ମରେ ଜଜାଙ୍ଗ ସ୍ଥିତ ଏକ ଖଣିକୁ ଯାଇ ଅତର୍କିତ ଲୁହାପଥରର ମାନ ଯାଞ୍ଚ କରାଯାଇଛି । ଏହାର ମାନ ଖଣି କମ୍ପାନୀ ପକ୍ଷରୁ ଶତକଡା ୬୦ ଲୌହ ଅଂଶ ଦର୍ଶାଯାଇଥିବା ବେଳେ ଖଣି ବିଭାଗ ବୁଧବାର କରିଥିବା ଯାଞ୍ଚରେ ପ୍ରକୃତ ତଥ୍ୟ କ'ଣ ଆସିବ ଏହା ଉପରେ ସମସ୍ତଙ୍କ ନଜର ରହିଛି । ୨୦୨୦ ମସିହା ପୂର୍ବରୁ ଯେଉଁ ଖଣିଗୁଡ଼ିକରେ ଉନ୍ନତମାନର ଲୁହାପଥର ମିଳୁଥିଲା ଖଣି ନିଲାମ ପରେ କିଛି ଖଣି ଗୁଡିକରେ ଆଶ୍ଚର୍ଯ୍ୟ ଭାବେ କିପରି ଖଣିଜ ମାନ ନିମ୍ନମାନର ହେଲା ଏହା ସଂପର୍କରେ ଅନେକ ଥର ଧରିତ୍ରୀରେ ପ୍ରକାଶ ପାଇସାରିଛି । ଖଣି ବିଭାଗର ତଦନ୍ତରେ ଶିଥିଳତା ହେତୁ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଏହି ଯାଞ୍ଚ ସମ୍ପର୍କରେ ଖଣି ବିଭାଗ ଓ ସମ୍ପୃକ୍ତ ଖଣି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।



ଖଣି ବିଭାଗ ଅଧିକାରୀମାନେ ଲୁହାପଥରର ମାନ ଯାଞ୍ଚ କରୁଛନ୍ତି।

# ସିଡିପିଓଙ୍କୁ ଭେଟିଲେ ଗ୍ରାମବାସୀ

### ଅଙ୍ଗନୱାଡି କେନ୍ଦ୍ର ଖୋଲିବା ଦାବି

ବେତନଟୀ,୧୪।୯(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଯୁଗୋଳ ପଞ୍ଚାୟତର ରାଜସ୍ୱ ଗ୍ରାମ ଗୋବିନ୍ଦପୁରଠାରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ସ୍ଥାନୀୟ ଗ୍ରାମବାସୀ ସିଡିପିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ଅନୁଯାୟୀ, ଗୋବିନ୍ଦପୁର ଗ୍ରାମବାସୀ ୨ କି.ମି. ଦୂର କଇଁଆ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭରଶୀଳ କରି ଆସୁଛନ୍ତି। ତେବେ ଦୈନିକ କୁନିକୁନି ପିଲାମାନେ ସେଠାକୁ ଯିବା ଆସିବା କରିବା ସମ୍ଭବପର ହୋଇପାରୁ ନ ଥିବା ବେଳେ ଗର୍ଭବତୀ ଏବଂ ପ୍ରସୂତିମାନେ ମଧ୍ୟ ହଇରାଣ ହେଉଛନ୍ତି। ଗୋବିନ୍ଦପୁର ଗ୍ରାମ କଇଁଆ ଗାଁଠାରୁ ଜନସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ। ଏଭଳି ସ୍ଥିତିରେ ଗୋବିନ୍ଦପୁର ଗ୍ରାମରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ନିତ୍ୟାନ୍ତ ଆବଶ୍ୟକତା ଥିବା ନେଇ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମର ମହିଳା ଓ ପୁରୁଷମାନେ ସିଡିପିଓଙ୍କ କାର୍ଯ୍ୟାଳୟକୁ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ।



ସିଡିପିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ଆଟେଣ୍ଡାଣ୍ଟଙ୍କୁ ଦୁର୍ବ୍ୟବହାର ନେଇ ମେଡିକାଲରେ ଉତ୍ତେଜନା

### କାର୍ଯ୍ୟ ବନ୍ଦ ଆନ୍ଦୋଳନ

ବାରିପଦା ଅଫିସ,୧୪।୯

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ କାର୍ଯ୍ୟରତ ମହିଳା ଆଟେଣ୍ଡାଣ୍ଟଙ୍କୁ ସଫେଇ କର୍ମଚାରୀ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ମେଡିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହେବା ସହ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ କୌଣସି ସମାଧାନ ହୋଇ ପାରି ନ ଥିବା ବେଳେ ରୋଗୀସେବା ପ୍ରଭାବିତ ହୋଇଛି। ଅଭିଯୋଗ ଅନୁଯାୟୀ, ପିଆର୍‌ଏମ୍ ହସ୍ପିଟାଲରେ ମହିଳା ଆଟେଣ୍ଡାଣ୍ଟଙ୍କୁ ବୁଧବାର ଜଣେ ସଫେଇ କର୍ମଚାରୀ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦରେ ଆଟେଣ୍ଡାଣ୍ଟମାନେ ହସ୍ପିଟାଲର ସମସ୍ତ ୱାର୍ଡରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସଫେଇ କର୍ମଚାରୀଜଣକ ଦୁର୍ବ୍ୟବହାର ପାଇଁ କ୍ଷମା ପ୍ରାର୍ଥନା ନ କରିବା ପର୍ଯ୍ୟନ୍ତ କେହି ବି କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି ସୁଚିସ୍ମିତା ମହାକୁଡ଼, ଲକ୍ଷ୍ମୀପ୍ରିୟା ମହାନ୍ତ ଏବଂ ଅନ୍ୟ ସମସ୍ତ ଆଟେଣ୍ଡାଣ୍ଟମାନେ କହିଛନ୍ତି। ଏହାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବୁଝାସୁଝା ଜାରି ରହିଛି।

# ନିମ୍ନମାନର ଡ୍ରେନ୍ କାମ ନେଇ ବଢୁଛି ଅସନ୍ତୋଷ

ଖଇରା, ୧୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାରାପୁର ବଜାର ନିକଟରେ ଚାଲିଥିବା ଡ୍ରେନ କାର୍ଯ୍ୟକୁ ନେଇ ସ୍ଥାନୀୟ ବଜାର ତଥା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଉକ୍ତ ନିମ୍ନମାନର କାମର ଭିଜିଲାନ୍ସ ତଦନ୍ତ କରିବାକୁ ବାରାପୁର, ଡୁଙ୍ଗୁରା, ବାଣପୁର, ତୋଟାପଡା, ଝିଙ୍କିରିଆ ଓ ତେନ୍ତୁଳିଆ ଆଦି ଗ୍ରାମର ବାସିନ୍ଦା ଅଭିଯୋଗ କରିଛନ୍ତି ।

ରାଣୀତାଲ-କୁପାରୀ ରାସ୍ତାର ବାରାପୁରଠାରୁ କୁପାରୀ ୧୨କି.ମି. ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ୧୯କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଜୁଲାଇ ୧୧ତାରିଖ ପ୍ରକଳ୍ପ ଭୂମିପୂଜନର ଯଥେଷ୍ଟ ପୂର୍ବରୁ ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା ବାରାପୁର ଓ ଡୁଙ୍ଗୁରା ବଜାରରୁ ଜବରଦଖଲ ଉଚ୍ଛେଦ କରିଥିଲେ। ଏବେ କିଛି ଦିନ ତଳେ ଠିକାଦାର ବାରାପୁର ବଜାରରେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ହେଲେ କାର୍ଯ୍ୟ ଆରମ୍ଭରୁ ବିବାଦ ମୁଣ୍ଡ ଟେକିଲାଣି। ଠିକାଦାର ଜଣକ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ କରୁ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଡ୍ରେନ ନିର୍ମାଣରେ ସିମେଣ୍ଟ, ରଡ, ଚିପ୍ସ, ବାଲି ଭାଗମାପରେ ଏପଟସେପଟ କରାଯାଉଥିବାରୁ ଏହା କ୍ଷଣସ୍ଥାୟୀ ବୋଲି ଗ୍ରାମବାସୀ କହିଛନ୍ତି। କାମ ପରେ ଡ୍ରେନ ଉପର ଢାଙ୍କୁଣି ପକାଯିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ ନ ଥିବାରୁ ଯାତ୍ରୀ ଓ ବିଭିନ୍ନ ଦୋକାନକୁ ଯାଉଥିବା ଗ୍ରାହକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଆଗକୁ ରାସ୍ତା ପ୍ରଶସ୍ତୀକରଣ ଥିବାରୁ କାମର ମାନକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। କାମ ଆରମ୍ଭ ହେବା ଦିନଠାରୁ ବିଭାଗୀୟ ଯନ୍ତ୍ରୀମାନେ କାର୍ଯ୍ୟ ଚାଲୁଥିବା ବେଳେ ଉପସ୍ଥିତ ନ ରହିବା ଠିକାଦାରଙ୍କୁ ଏହିଭଳି ନିମ୍ନମାନର କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରୁଛି । ଜିଲାପାଳ ଓ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।



ବାରାପୁର ବଜାରରେ ଚାଲିଥିବା ଡ୍ରେନ କାମ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

### କଂଗ୍ରେସ ନେତାଙ୍କୁ ବାରମ୍ବାର ଆକ୍ରମଣ ଘଟଣା

### ଏସ୍‌ପି, ପୂର୍ବାଞ୍ଚଳ ଆଇଜିଙ୍କଠାରେ ଅଭିଯୋଗ

ବାଲେଶ୍ୱର ଅଫିସ, ୧୪।୯

କଂଗ୍ରେସ ନେତା ଓ କର୍ମୀଙ୍କୁ ବାରମ୍ବାର ଆକ୍ରମଣ ଘଟଣାରେ ବାଲେଶ୍ୱର ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ଜିଲା ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଓ ପୂର୍ବାଞ୍ଚଳ ରେଞ୍ଜ ଆଇଜି ହିମାଂଶୁ ଲାଲଙ୍କୁ ଭେଟି ଅବଗତ କରାଇଛନ୍ତି। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

ଘଟଣାରୁ ପ୍ରକାଶ, ଗତ ଏପ୍ରିଲ ୧୧ତାରିଖରେ ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ଅଫିସରେ ସରପଞ୍ଚ ଅଟଳ ବିହାରୀ ରାଉତ ୱାର୍ଡ଼ ମେମ୍ବରମାନଙ୍କ ସହ ବୈଠକରେ ବସିଥିବାବେଳେ ୧୮ନମ୍ବର ଜିଲା ପରିଷଦ ସଭ୍ୟ ତଥା ବିଜେଡିର ସ୍ଥାନୀୟ ନେତା ନୀଳାମ୍ବର ମହାଳିକ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ପ୍ରକୋଷ୍ଠରେ ଅନୁପ୍ରବେଶ କରି ସରକାରୀ ଫାଇଲ ଛଡାଇ ନେଇଥିଲେ। ଏଥିସହ ଗତ ସେପ୍ଟେମ୍ବର ୪ରେ ସରପଞ୍ଚ ରାଉତ ରାତିରେ ଦଳୀୟ ସଭା ସାରି ଘରକୁ ଫେରିବା ବେଳେ କିଛି ଲୋକ ତାଙ୍କୁ ରାଜନୈତିକ ଆକ୍ରୋଶ ରଖି ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ବାହାନଗା ଥାନାରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳଙ୍କଠାରୁ ଆରମ୍ଭ କରି ପୋଲିସ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କିମ୍ବା ଜିଲା ପ୍ରଶାସନ କୌଣସି ତଦନ୍ତ କଲେ ନାହିଁ। ଫଳରେ କଂଗ୍ରେସ କର୍ମୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିପରି ଗତ ଏପ୍ରିଲ ୧୪ତାରିଖ ରାତି ପ୍ରାୟ ୧୦ଟା ବେଳେ ନୂଆପୁର ପଞ୍ଚାୟତର କଂଗ୍ରେସ କର୍ମୀ ଜଗଦାନନ୍ଦ ସାହୁ ଘରକୁ ଫେରୁଥିବାବେଳେ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଓ ଭଦ୍ରକର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପି ଓ ଆଇଜିଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ। ଯଦି ପୋଲିସ ପକ୍ଷରୁ ୭ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଆଇନ ମୁତାବକ ତଦନ୍ତ କରି ଗିରଫ କରା ନ ଯାଏ ତେବେ ଦଳ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସୋର ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରମାଣିକ, ଜିଲା କଂଗ୍ରେସ ପୂର୍ବତନ ଉପସଭାପତି ଗୋପୀନାଥ ପାଢ଼ୀ, ମଧୁସୂଦନ ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞା ପାରମିତା ମହାନ୍ତି, ବାସନ୍ତୀ ସାମଲ, ଶ୍ରୀକାନ୍ତ ଜେନା, ଅଜୟ କୁମାର ଦ୍ୱିବେଦୀ, କାଶୀନାଥ ଦାସ ମଦନ ମହାପାତ୍ର, ମନ୍ମଥ ଶିଅଳ ଏବଂ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ରଡ୍ ଚୋର ଗିରଫ

ସୋର,(ଡି.ଏନ.ଏ.)-ସୋର ଜାତୀୟ ରାଜପଥ ସତସଙ୍ଗ ବିହାର ନିକଟରେ ଥିବା ଏକ ଘର ଛାତ ଉପରୁ ରଡ ଏବଂ ନଳକୂପ ଚୋରି କରି ଜଣେ ଯୁବକ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଏଠାରେ ଥିବା ଦିଲୀପ କୁମାର ଦେଙ୍କ ଘର ଛାତ ଉପରେ ଘର ନିର୍ମାଣ ପାଇଁ ରଖାଯାଇଥିବା ୧୨୦ଖଣ୍ଡ ରଡ଼ ଏବଂ ନଳକୂପ ଗୋଟିଏ ଚୋରି ହୋଇଥିବା ନେଇ ଦେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସୋର ପୋଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଚକରାଇପୁର ଗ୍ରାମର ଟାକୁଲ ହେମ୍ବ୍ରମଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

**ସଂକ୍ଷେପରେ**

## ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟକୁ ନାକ୍ ବି-ପ୍ଲସ୍ ମାନ୍ୟତା



ବାଙ୍ଗିରିପୋଷି,୧୪।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟକୁ ଜାତୀୟ ମୂଲ୍ୟାୟନ ଓ ପ୍ରତ୍ୟାୟାନ ପରିଷଦ(ନାକ୍) ପକ୍ଷରୁ ବି-ପ୍ଲସ ମାନ୍ୟତା ମିଳିଛି। ଗତ ୮ ଓ ୯ତାରିଖରେ ନାକ୍ ଟିମ୍‌ର ସଦସ୍ୟ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ଷ୍ଟଡିର ବିଭାଗ ମୁଖ୍ୟ ପ୍ରଫେସର ରାଜଶେଖର ବେଲାମ କୁଣ୍ଡା, କେରଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ବାଲଗୋବିନ୍ଦନ ହରିହରନ ଓ ଏପପି ସାହା କମର୍ସ କଲେଜ ଗୁଜୁରାଟର ଅଧକ୍ଷ ଡ.ଦିଲ୍ଲୀପ କୁମାର ଭାଜାନୀ ପ୍ରମୁଖ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ପରିଦର୍ଶନ କରି ନାକ୍ ପରିଷଦକୁ ରିପୋର୍ଟ ପ୍ରଦାନ କରିଥିଲେ। ଫଳସରୂପ ନାକ୍ ପରିଷଦ ମହାବିଦ୍ୟାଳୟକୁ ବି-ପ୍ଲସ ମାନ୍ୟତା ପ୍ରମାଣ ପତ୍ର ପ୍ରଦାନ କରିଛି। ଏନେଇ ମହାବିଦ୍ୟାଳୟର ଅଧକ୍ଷା, ଅଧାପିକା ଅଧାପକ, ସମସ୍ତ କର୍ମଚାରୀ,ଆଲମୁନି,ଛାତ୍ରୀଛାତ୍ର, ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ମଣ୍ଡଳୀ ତଥା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଆନନ୍ଦ ପ୍ରକାଶ କରିଛନ୍ତି।

## ପଞ୍ଚାୟତ ସମିତି ବୈଠକରେ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ

ବାସୁଦେବପୁର,୧୪।୯(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁରର ନୀଳମଣି ଟାଉନ ହଲ୍ ପରିସରରେ ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅତିଥି ଭାବେ ଯୋଗଦେଇ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକ କିପରି ପ୍ରତି ପଞ୍ଚାୟତରେ ସୁଚାରୁ ରୂପେ ହୋଇପାରିବ ସେ ଦିଗରେ ଗୁରୁତ୍ୱ ପ୍ରଦାନ କରିଥିଲେ। ନୂତନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ଓ ଅଧାପନ୍ତରିଆ ହୋଇ ପଡ଼ିଥିବା ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ଏମ୍‌ପି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ମାଧୁରୀ ବାରିକ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଡିଓ ସତ୍ୟଜିତ ରାଉତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଗୁରୁପ୍ରସାଦ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ ଅଫିସ, ୧୪।୯- ସ୍ୱର୍ଗତ ଗୁରୁପ୍ରସାଦ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ବାଇପାସ ସ୍ଥିତ କାନ୍ତିବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ପାରିଷଦ ପ୍ରବୀର ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମାଜସେବୀ ଅଜୟ ନାୟକ, ଜିଲା ପରିଷଦ ସଭ୍ୟ ମଳୟ ଜେନା, ଭାଜପା ନେତା ସୁରେଶ ସାମଲ, କଂଗ୍ରେସ ନେତା ସୁଧାକର ରାଉତ, ଆଇନଜୀବୀ ଅତିଶ ବେହେରା, ପ୍ରଦୀପ ପଣ୍ଡା, ଖଣ୍ଡତଡ଼ା ସରପଂଚ ବିଶୁ ନାୟକ, କାଳୀପ୍ରସାଦ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକକର୍ମୀ ସୁରେଶ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମନୋଜ ଭୂଇଁ, ପ୍ରଦୀପ ବାରିକ, ଦୁଃଶାସନ ପୃଷ୍ଟି, ଗଜେନ୍ଦ୍ର ରାଉଳ, ରାକେଶ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝିଲେ ଜିଲାପାଳ

ବାହାନଗା,୧୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୫-ଟି ଅଧୀନରେ ଥିବା ପ୍ରମୁଖ ବିଦ୍ୟାଳୟ ଗୋପାଳପୁର ମଣିଭଦ୍ର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ୍ କ୍ଲାସ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ବୁଲି ଦେଖିଛନ୍ତି। ସ୍ମାଟ ଶ୍ରେଣୀଗୃହରେ ପାଠ ପଢୁଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆର୍କଷଣ କରିଥିଲେ। ସେଠାରେ ଉପସ୍ଥିତ ବାହାନଗା ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ତୁରନ୍ତ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ମଧ୍ୟାହ୍ନଭୋଜନ ରୋଷେଇ ହେଉଥିବା ସ୍ଥାନ ବୁଲି ଦେଖୁଛନ୍ତି ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ।

ମାଟ୍ରିକ ପରୀକ୍ଷାରେ ଭଲ ପାଠ ପଢି ଏ୧ ରେ କେତେଜଣ ପାସ୍ କରିବେ ବୋଲି ପ୍ରତିଶ୍ରୁତି ଦେବାକୁ କହିଥିଲେ। ଛାତ୍ରୀଛାତ୍ରମାନେ ଦୁଇଟି ବିଷୟରେ ଅତିରିକ୍ତ କ୍ଲାସ କରିବା ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳ ଶିନ୍ଦେ ଗତ ଗୁରୁବାରଠାରୁ ପ୍ରତ୍ୟେକ ଦିନ ୪ଟା ପରେ ଦଶମ ଶ୍ରେଣୀର ଭୂଗୋଳ ଓ ବିଜ୍ଞାନ ବିଷୟରେ ପାଠ ପଢାଇବାକୁ ପ୍ରଧାନ ଶିକ୍ଷକ ମାନସ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେବା ପରେ ବିଡିଓ ଘୋଷଙ୍କୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ପାଠପଢାରେ ଯେପରି କୌଣସି ଅସୁବିଧା ନ ହୁଏ ସେ ବିଷୟରେ ତାଗିଦ୍ କରିଥିଲେ । ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ନେଇ ଜିଲାପାଳ ବିରକ୍ତି ଭାବ ପ୍ରକାଶ କରିଥିଲେ। ସେହିପରି ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିବା ସ୍ଥାନକୁ ଯାଇ ବୁଲି ଦେଖିଥିଲେ। ପ୍ରତ୍ୟେକ ଦିନର ଖାଦ୍ୟର ରୁଟିନ୍ ସମ୍ପର୍କରେ ପଚରାଯିବାରୁ ପ୍ରଧାନ ଶିକ୍ଷକ ପଣ୍ଡା ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଜିଲାପାଳ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ଆଗକୁ ଯେପରି ଏହା ନ ହୁଏ ବୋଲି ତାଗିଦ୍ କରିଥିଲେ ।

## ବାଲିଆପାଳ, ବାହାନଗାରେ ଅହିଂସା ରଥକୁ ସ୍ୱାଗତ

ବାଲିଆପାଳ/ବାହାନଗା, ୧୪।୯(ସ୍ୱ.ପ୍ର./ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଓ ବାହାନଗାରେ ବୁଧବାର ଅହିଂସା ରଥ ପହଞ୍ଚିବା ପରେ ବିପୁଳ ସ୍ୱାଗତ କରାଯାଇଛି। ବାଲିଆପାଳରେ ତହସିଲଦାର ଦୀପକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ହରିନାମ ସଂକୀର୍ତ୍ତନ କରାଯାଇ ସିମୁଳିଆ ଛକ ନିକଟରୁ ସ୍ୱାଗତ କରଯାଇଥିଲା। ପରେ ଭକ୍ତିମୟ ପଟୁଆରରେ ରଥକୁ ବାଲିଆପାଳ ବ୍ଲକକୁ ନିଆଯାଇ ସେଠାରେ ବ୍ଲକ ପ୍ରଶାସନ ପକ୍ଷରୁ ରଥକୁ ସ୍ୱାଗତ କରାଯାଇ ବାଲିଆପାଳ ପରିକ୍ରମା କରାଯାଇ ସୁବର୍ଣ୍ଣରେଖା ହାଇସ୍କୁଲକୁ ନିଆଯାଇଥିଲା। ସେଠାରେ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବାହାନଗା ବ୍ଲକ ପରିସରରୁ ଅହିଂସା ରଥ ବାହାରିବା ପରେ ଗୋପାଳପୁରରେ ବିପୁଳ ସ୍ୱାଗତ କରାଯାଇଥିଲା। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିଲେ। ବିଡିଓ ଗୌରାଙ୍ଗ ଘୋଷ ଓ ଉପାଧକ୍ଷା ବାସନ୍ତୀ ପତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ବାରିକ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ଅବସରରେ ବ୍ଲକ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ବାହାନଗା ବ୍ଲକରୁ ବାହାରି ଗୋପାଳପୁର ପଞ୍ଚାୟତ ଓ ବାହାନଗା ତହସିଲ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଗୋପାଳପୁରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁଙ୍କ ସମେତ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।



ବାହାନଗା ବ୍ଲକ ଗୋପାଳପୁରଠାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

## ଅମାନିଆ ଗଣିଲେ ୧ଲକ୍ଷ ୯୫ହଜାର ଜରିମାନା

ଖଇରା, ୧୪।୯(ଡି.ଏନ.ଏ.)

ବାଲେଶ୍ୱର ପରିବହନ ବିଭାଗ ଓ ଖଇରା ପୋଲିସ ପକ୍ଷରୁ ବୁଧବାର ସୋର-କୁପାରୀ ରାସ୍ତାର ଖଇରା ବଜାରରେ ମିଳିତ ଗାଡି ଯାଞ୍ଚ କରାଯିବା ସହ ଅମାନିଆ ବାଇକ ଚାଳକଙ୍କ ପାଖରୁ ୧ଲକ୍ଷ ୯୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମୋଟ ୪୬ଟି ଗାଡି ଯାଞ୍ଚ କରାଯାଇଥିବା ବେଳେ ୫ ବାଇକ ଜବତ କରାଯାଇଛି । ହେଲମେଟ ପିନ୍ଧି ନ ଥିବା, କାଗଜପତ୍ର ଠିକ୍ ନ ଥିବା, ମଦ୍ୟପାନ କରି ଗାଡି ଚଲାଉଥିବା ବ୍ୟକ୍ତିଙ୍କ ନିକଟରୁ ଏହି ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ ନିରୀକ୍ଷକ ରମାକାନ୍ତ ନାୟକ, ସହକାରୀ ଏମ୍‌ଭିଆଇ ଦେବାଶିଷ ମଲ୍ଲିକ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା ।

## ନଦୀ ପାର ବେଳେ ଭାସିଗଲେ ମହିଳା

କେନ୍ଦୁଝର,୧୪।୯(ସ୍ୱ.ପ୍ର.)

ତେଲକୋଇ ଥାନା ଅନ୍ତର୍ଗତ ତେଲକୋଇ ତଳସାହି ସତ୍‌ସଙ୍ଗ ସମାକୋଇ ନଦୀ ପାର ହେଉଥିଲା ବେଳେ ଜଣେ ମହିଳା ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ମହିଳା ଜଣକ ତଳସାହିର ପ୍ରଭାକର ଦେହୁରୀଙ୍କ ସ୍ତ୍ରୀ ସରୋଜିନୀ (୫୦) ବୋଲି ଜଣାପଡ଼ିଛି । ନଦୀରେ ଜଳ ସ୍ରୋତ ଅଧିକ ଥିବାରୁ ଦୂରକୁ ଭାସି ଯାଇଥିବା ସନ୍ଦେହ କରାଯାଉଛି। ତେଲକୋଇ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରିରଖିଛି। ଗୁରୁବାର ତେଲକୋଇ ତଳସାହିରେ ଲକ୍ଷ୍ମୀପୂଜା ଆରମ୍ଭ ହେବ। ଏଥିପାଇଁ ଶାଳପତ୍ର ସଂଗ୍ରହ କରିବାକୁ ସାହିର ଅନ୍ୟ ତିନିଜଣ ମହିଳାଙ୍କ ସହିତ ସରୋଜିନୀ ଜଙ୍ଗଲକୁ ଯାଇଥିଲେ। ଫେରିଲାବେଳକୁ ନଦୀରେ ପାଣି ବଢି ଯାଇଥିଲା। ନଦୀ ପାର ହେଲା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଅନ୍ୟ ତିନିଜଣ ମହିଳା ତାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ସୂଚନାଯୋଗ୍ୟ, ପାଞ୍ଚ ଦିନ ତଳେ ବଂଶପାଳ ବ୍ଲକ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମର ଜଣେ ବୃଦ୍ଧ ବୈତରଣୀ ନଦୀ ପାର ହେଉଥିବା ବେଳେ ଭାସି ଯାଇଥିଲେ। ତିନି ଦିନ ପରେ ତାଙ୍କ ମୃତଦେହ ବାମେବାରୀ ଥାନା ଅଞ୍ଚଳରୁ ଉଦ୍ଧାର ହୋଇଥିଲା।

## କେନ୍ଦୁଝର ସହରରେ ପଶିଲା ହାତୀ



ସହର ଉପକଣ୍ଠରେ ହାତୀ ଭାଙ୍ଗି ଦେଇଥିବା ଘର।

କେନ୍ଦୁଝର, ୧୪।୯(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ସହରରେ ପଶିଲା ହାତୀ। ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ପୁରୁଣା ସହର ୧ନଂ. ଏବଂ ୨ନଂ. ୱାର୍ଡରେ ଏକ ଗୋଠଛଡ଼ା ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ହାତୀଟି ସିଦ୍ଧମଠ ଜଙ୍ଗଲରୁ ବାଇପାସ ରାସ୍ତାଦେଇ ଆସି ପ୍ରଥମେ ସୁଲେଇଖମାର ଉପରସାହିର କୁନା ନାଏକ ଏବଂ ଗୋକୁଳ ନାଏକଙ୍କ ଘର ଭାଙ୍ଗିଥିଲା। ଏହା ପରେ ହାତୀ ମାଟିଆବନ୍ଧ ପୋଖରୀ ପାର୍ଶ୍ୱ ରାସ୍ତାରେ ଆସି ଭଙ୍ଗାସାହି ସ୍କୁଲ ପାଖ, ଗୌର ସାହି, ଗୁଣ୍ଡିଚା ସାହି, ମଦନମୋହନପୁର ସାହି, ହାଡବନ୍ଧ ସାହିରେ ବୁଲିବା ପରେ ବଡଦାଣ୍ଡ ଦେଇ ବଳଦେବଜୀଉ ମନ୍ଦିର ନିକଟରେ ପହଞ୍ଚିଥିଲା। ବନ ବିଭାଗର ବାରଣ ସତ୍ତ୍ୱେ ଶହ ଶହ ଲୋକ ରାତି ଅନିଦ୍ରା ହୋଇ ବନ କର୍ମଚାରୀଙ୍କ ସହ ହାତୀ ଘଉଡାଇଥିଲେ। ଶେଷରେ ରାତି ପ୍ରାୟ ୨ଟାରେ ଟାଉନ ପୋଲିସ ଲୋକମାନଙ୍କୁ ହାତୀ ପଛରେ ନ ଯିବା ପାଇଁ ବାରଣ କରିବା ପରେ ହାତୀ ହୁଡକୋ କଲୋନୀ ଦେଇ ଠାକୁରପାଟଣା, ରାଙ୍କି ସରାସ, କଣ୍ଡରାପଶି, ହରିଡାଗୋଠ, ଶିରିଶପାଳ, ବାଦମପାଟି ଦେଇ କୋଡିପଶା ଡ୍ୟାମ ନିକଟ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ଭୋର ସମୟରେ ପ୍ରବେଶ କରିଥିଲା। ସଦର ରେଞ୍ଜର ବିଜୟ କୁମାର ମହାନ୍ତ, ଟାଉନ ଫରେଷ୍ଟର ପ୍ରଦୀପ କୁମାର ବାରିକ, ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଏବଂ ହାତୀ ସ୍କ୍ୱାଡ କର୍ମଚାରୀ ହାତୀ ଘଉଡ଼ାଇବାରେ ସାମିଲ ଥିଲେ। ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ନ ଥିବାବେଳେ ରିପୋର୍ଟ ମିଳିବା ପରେ ଯାଞ୍ଚ ପରେ କ୍ଷତିପୂରଣ ଦିଆଯିବ ବୋଲି ସଦର ରେଞ୍ଜର ସୂଚନା ଦେଇଛନ୍ତି।

## ଅଟଳ ବିହାରୀ କଲେଜ ସମସ୍ୟା ବୁଲି ଦେଖିଲେ ବିଧାୟକ



ମହାବିଦ୍ୟାଳୟ ପରିସର ବୁଲି ଦେଖୁଛନ୍ତି ବିଧାୟକ।

ପଦ୍ମପୁର,୧୪।୯(ଡି.ଏନ.ଏ.)

ବାସୁଦେବପୁର ବ୍ଲକର ପୁରାତନ ଅଟଳ ବିହାରୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅଭିଯୋଗ ପରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଉପଜିଲାପାଳ ମନୋଜ କୁମାର ପାତ୍ର କ୍ୟାମ୍ପସ ପରିସର ବୁଲି ଦେଖିଛନ୍ତି। ମହାବିଦ୍ୟାଳୟର ବିଜ୍ଞାନ ବିଭାଗ, ବାଣିଜ୍ୟ ବିଭାଗ, ନଳିନୀ ଦେବୀ ଛାତ୍ରୀ ନିବାସ ଓ ଶୌଚାଳୟର ବିଭିନ୍ନ ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଆବଶ୍ୟକୀୟ ମରାମତି ସହ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କାର୍ଯ୍ୟ ଆରମ୍ଭ ପାଇଁ ଅଧକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ବିଜୁ ଛାତ୍ର ଜନତା ଦଳ କ୍ୟାମ୍ପସ କମିଟିକୁ ଅନୁମୋଦନ କରିଥିଲେ। ଆବାହକ ଭାବେ ସତ୍ୟସୁନ୍ଦର ମହାକୁଡ଼ଙ୍କ ସମେତ ୨୬ ଜଣିଆ କମିଟିକୁ ମନୋନୀତ କରାଯାଇଥିଲା। କଲେଜ ଅଧକ୍ଷ ବ୍ୟୋମକେଶ ଚନ୍ଦନ କୁମାର ଜେନା, ଛାତ୍ର ସଭାପତି କାଳନ୍ଦୀ ସାହୁ, ବିଜେଡ଼ି ଯୁବ ସଭାପତି ଦେବଦର୍ଶନ ଦାଶ, ବିଜେଡ଼ି ବ୍ଲକ ସଭାପତି ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କୋହ୍ଲାଣ ବିଶ୍ୱବିଦ୍ୟାଳୟରେ ଓଡ଼ିଆ କର୍ମଶାଳା




ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

କେନ୍ଦୁଝର, ୧୪।୯(ସ୍ୱ.ପ୍ର.)

ଝାଡଖଣ୍ଡ ରାଜ୍ୟର ବିଚ୍ଛିନ୍ନାଞ୍ଚଳ ସିଂହଭୂମି ଜିଲା ଚାଇଁବସା ଠାରେ ଅବସ୍ଥିତ କୋହ୍ଲାଣ ବିଶ୍ୱବିଦ୍ୟାଳୟରେ ଏକ ଓଡ଼ିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଶାସ୍ତ୍ରୀୟ ଭାଷା ଓଡ଼ିଆର ସ୍ୱରୂପ ଓ ବୈଶିଷ୍ଟ୍ୟ' ଶୀର୍ଷକ ଏହି କର୍ମଶାଳା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଗଙ୍ଗାଧର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାର ରେ ଓଡ଼ିଆ ବିଭାଗ ମୁଖ୍ୟ ଏବଂ ଅଧାପକ, ସ୍ନାତକୋତ୍ତର ଛାତ୍ରୀଛାତ୍ର ଏହି କର୍ମଶାଳାରେ ଭାଗ ନେଇଥିଲେ।

## ଆତ୍ମନିର୍ଭରଶୀଳ ହେବା ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ, ୧୪।୯

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ୨.୦ର ବୁଟ୍ କ୍ୟାମ୍ପ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଷ୍ଟାର୍ଟ ଅପ୍ ମାଧ୍ୟମରେ ଜଣେ ବ୍ୟକ୍ତି ଆତ୍ମନିର୍ଭରଶୀଳ ହୋଇପାରିବ ଏବଂ ନିଜକୁ ସାମାଜିକ ଓ ଆର୍ଥିକସ୍ତରରେ ପ୍ରତିଷ୍ଠିତ କରିପାରିବ ବୋଲି ମତ ପ୍ରକାଶ କରିଥିଲେ।

ଡ. ପଙ୍କଜ କୁମାର ପାଢ଼ୀ କର୍ମଶାଳାରେ ସଂଯୋଜନା କରିଥିଲେ। ଷ୍ଟାର୍ଟ ଅପ୍ ଓଡ଼ିଶା ଯାତ୍ରାର ସଦସ୍ୟ ଆଶା ମହାପାତ୍ର କର୍ମଶାଳାର ବୈଷୟିକ ଅଧିବେଶନ ପରିଚାଳନା କରି ଅଣୁ, କ୍ଷୁଦ୍ର, ଲଘୁ ଶିଳ୍ପ ତଥା ଉଦ୍ୟୋଗକୁ ଗୁରୁତ୍ୱ ଦେଇ ଷ୍ଟାର୍ଟ ଅପ୍ ଯାତ୍ରା ନିମିତ୍ତ କିପରି ଏକ ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସହାୟତାରେ କିପରି ଷ୍ଟାର୍ଟ ଅପ୍ ଓଡ଼ିଶା ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ମତ ଦେଇଥିଲେ। କୁଳସଚିବ କୁକୁମିନା ଦାସ ଏପରି ଏକ କର୍ମଶାଳା ନିଶ୍ଚିତ ରୂପେ ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳ ହେବା ଦିଗରେ ସହାୟକ ହେବ। ଡ. ଅମରେଶ ପଣ୍ଡା ଯୋଗଦେଇ ଜଣେ ସଫଳ ବ୍ୟବସାୟୀ ତଥା ଆତ୍ମନିର୍ଭରଶୀଳ ବ୍ୟକ୍ତିତ୍ୱ ନିର୍ମାଣ ଦିଗରେ ଷ୍ଟାର୍ଟ ଅପ୍ ଓଡ଼ିଶା ଯାତ୍ରା କିପରି ଏକ ଉପଯୁକ୍ତ କ୍ଷେତ୍ର ଯୋଗାଇ ଦେବାରେ ସମର୍ଥ ହୋଇପାରୁଛି ସେ ସମ୍ପର୍କରେ ନିଜର ଅଭିମତ ଦେଇଥିଲେ। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ତଥା ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟ ବିଦ୍ୟାର୍ଥୀମାନେ ଯୋଗଦେଇ ନିଜର ବିଚାରଧାରା ଉପସ୍ଥାପନ କରିଥିଲେ।

## ପଞ୍ଚାୟତ ସମିତି ବୈଠକ

ହାଟଡିହି,୧୪।୯ (ଡ଼ି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହି ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେତେକ ବିଭାଗର କର୍ମଚାରୀ ଅନୁପସ୍ଥିତ ଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯିବା ସହ ଏହାର ଅଗ୍ରଗତି ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଭତ୍ତା ସମ୍ପର୍କିତ ତଥ୍ୟ ଓ ବିବରଣୀ ଉପରେ ସମ୍ପୃକ୍ତ କର୍ମଚାରୀ ସଠିକ ଉତ୍ତର ଦେଇ ନ ପାରିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ବ୍ଲକରେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଦରମା ପ୍ରଦାନ ନେଇ ବିଡ଼ିଓ ଜାରି କରିଥିବା ଚିଠିକୁ ନେଇ ପ୍ରଶ୍ନ ମଧ୍ୟ ଉଠିଥିଲା। ବିଧାୟକ ଭାଗିରଥି ସେଠି, ବ୍ଲକ ଅଧକ୍ଷା ସାବିତ୍ରୀ ସେଠି, ଉପାଧକ୍ଷ ରତିକାନ୍ତ ରାଉତ,ବିଡ଼ିଓ ବିନିତା ବିଜୟିନୀ, ଜିଲା ପରିଷଦ ସୋମନାଥ ଦାସ, ବିମ୍ବାଧର ବିଶ୍ୱାଳ, କୌଶଲ୍ୟା ସେଠି, ସୁକାନ୍ତି ଯେନା,ବିଭିନ୍ନ ବିଭାଗର କର୍ମଚାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ ।

# ଶିକ୍ଷକଙ୍କୁ ଶିକ୍ଷାଜ୍ୟୋତି ସମ୍ମାନ

ଚମ୍ପୁଆ, ୧୪।୯(ଡି.ଏନ.ଏ.)

ଶିକ୍ଷକତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଶିକ୍ଷକ ଅରବିନ୍ଦ ମହାନ୍ତଙ୍କୁ ଶିକ୍ଷାଜ୍ୟୋତି ସମ୍ମାନରେ ସମ୍ମାନୀତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସଂଗଠନ ପଳାଶପଙ୍ଗା କେନ୍ଦୁଝର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ମହାନ୍ତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ୨୦୦୩ରୁ ଶିକ୍ଷକତା ଆରମ୍ଭ କରିଥିବା ଶିକ୍ଷକ ମହାନ୍ତ ଏକାଧାରରେ ଜଣେ କବି ଓ ସୁଲେଖକ ଭାବେ ପରିଚିତ। ସରକାରୀ ଚାକିରି ପୂର୍ବରୁ ସେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହିତ ପୌଢ଼ଶିକ୍ଷା, ଗାଁ ଚାଟଶାଳୀ ଶିକ୍ଷାରେ ନିଜକୁ ନିୟୋଜିତ କରିଥିଲେ। ଗାଁ ଲାଇବ୍ରେରି ତାଙ୍କର ଅତୁଳନୀୟ ଅବଦାନ ତାଙ୍କ ଗବେଷଣାତ୍ମକ ପୁସ୍ତକ 'ଚମ୍ପୁଆ ଉପଖଣ୍ଡର ଦର୍ଶନୀୟ ସ୍ଥାନ' ବେଶ ଲୋକାଦୃତ ହୋଇପାରିଥିଲା। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ମଧ୍ୟ ପୂର୍ବରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ବର୍ତ୍ତମାନ ସେ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।



ଶିକ୍ଷକ ଅରବିନ୍ଦ ମହାନ୍ତ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶିକ୍ଷାରେ ବିପ୍ଳବ ଆଣିଛି ରୂପାନ୍ତରଣ ବ୍ୟବସ୍ଥା

ଖଇରା, ୧୪।୯(ଡି.ଏନ.ଏ.)

ଓଡିଶା ସରକାରଙ୍କ ୫-ଟି ବ୍ୟବସ୍ଥାରେ ବିଭିନ୍ନ ସରକାରୀ ହାଇସ୍କୁଲକୁ ରୂପାନ୍ତରଣ କରାଯିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ବିଦ୍ୟାଳୟର ସ୍ମାର୍ଟକ୍ଲାସ ମାଧ୍ୟମରେ ଶିକ୍ଷାଦାନ ପରେ ସଫଳତା ହାରରେ ଯଥେଷ୍ଟ ବୃଦ୍ଧି ଘଟିଛି । ଚଳିତବର୍ଷ ଖଇରା ବ୍ଲକ ବିଭିନ୍ନ ରୂପାନ୍ତରଣ ହାଇସ୍କୁଲର ମାଟ୍ରିକ ଫଳାଫଳକୁ ଦେଖିଲେ କଲେ କେବଳ ଖଇରା ହାଇସ୍କୁଲରେ ୪୯ଜଣ ପିଲା ୯୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଏଣୁ ସରକାରଙ୍କ ଏହି ବ୍ୟବସ୍ଥା ପ୍ରଚଳନ ପରେ ଶିକ୍ଷାକ୍ଷେତ୍ରରେ ବିପ୍ଳବ ଆଣିଛି ବୋଲି ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି । ବୁଧବାର ବାଲେଶ୍ୱର ଜିଲା ଖଇରା ବ୍ଲକରେ ୫-ଟିରେ ଅନ୍ତର୍ଭୁକ୍ତ ସାରଡାଙ୍ଗ ପଞ୍ଚାୟତ ଦାମୋଦରପୁରସ୍ଥିତ ରାମଚନ୍ଦ୍ର ସରକାରୀ ହାଇସ୍କୁଲର ଶିଳାନ୍ୟାସ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ବିଷୟ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ସରୋଜ ଶିଅଳଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଧାୟକଙ୍କ ସମେତ ବିଡିଓ ପର୍ଶୁରାମ ପଣ୍ଡା, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ପରିଚାଳନା କମିଟି ସଭାପତି ରାଜେଶ କୁମାର ମହାନ୍ତି, ପୁରାତନ ଛାତ୍ରୀ କୁସୁମ ସେଣ୍ଠ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଧୁସୂଦନ ସେଣ୍ଠ, ୱାର୍ଡସଭ୍ୟ ସୌରଭ ମହାନ୍ତି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେହିଭଳି ବରଦାର ମା' ଭଗବତୀ ଉଚ୍ଚ ବିଦ୍ୟାପୀଠର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବିଧାୟକଙ୍କ ବ୍ୟତିତ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ବରଦା ସରପଞ୍ଚ ପରୀକ୍ଷିତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ରାମଚନ୍ଦ୍ର ହାଇସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

